# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1006 CUTTACK, SATURDAY, MAY 6, 2023/BAISAKHA 16, 1945**


## ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଅଧିସୂଚନା

**ତା ୨୧-୦୪-୨୦୨୩ ରିଖ**

A.D.S.R. No. 93—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଅନୁଗୋଳ-ଢୁବୁରି-ସୁକିନ୍ଦା ରୋଡ୍ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର ***ମଝିକା*** ମୌଜାରେ ନିମ୍ନ ସୂଚୀତ ତଫସିଲ ମତେ ପ୍ରାୟ ***୨.୩୦୦*** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ରେ ଭାରାପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର *୬୦* ଦିନ ମଧ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରେଳପଥ ନିର୍ମାଣ ପ୍ରକଳ୍ପ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ପୂର୍ବତଟ ରେଳପଥ ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଧାରା ୮(୨) ମୁତାବକ ପ୍ରକାଶିତ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଅନୁଗୋଳ / ତାଳଚେର ।

୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଚଂଳ / ସହରାଚଂଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ବଣ୍ଟାଁରପାଳ | **ମଝିକା** | ଗ୍ରାମାଚଂଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | **୨.୩୦୦** | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ............................ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଜମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଅନୁଗୋଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

# ଭୂମି ଅନୁସୂଚି

## ମୌଜା : ମଝିକା

## ତହସିଲ – ବଅଁରପାଳ, ଥାନା - ଅନୁଗୋଳ, ଥାନା ନଂ – ୧୧୪, ଜିଲ୍ଲା - ଅନୁଗୋଳ

## ଅନୁଗୋଳ ଠାରୁ ସୁକିନ୍ଦା ନୂତନ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ |
|---|---|---|---|---|---|---|
| ୩ | ରୟତି | ୮/୯ | ଶାରଦ ତିନି | ୦.୪୦୦ | ୦.୨୦୦ | ଅରକ୍ଷିତ ନାଏକ, ପି: ବଂଶୀ ନାଏକ, ଜା: ପାଣ, ବା: ବଗଚର |
| ୩ | ରୟତି | ୯ | ତଇଲା ଏକ | ୦.୪୮୦ | ୦.୦୫୦ | ଅରକ୍ଷିତ ନାଏକ, ପି: ବଂଶୀ ନାଏକ, ଜା: ପାଣ, ବା: ବଗଚର |
| ୫ | ରୟତି | ୪ | ଶାରଦ ତିନି | ୦.୧୭୦ | ୦.୧୭୦ | କାଠି ନାଏକ, ପି: ଇନ୍ଦ୍ର ନାଏକ, ମଧୁ ନାଏକ, ସୁଜନ ନାଏକ, ସାଧୁ ନାଏକ, ପି: କିର୍ତନ ନାଏକ, ଜା: ପାଣ, ବା: ନିଜିଗାଁ |
| ୧୮ | ରୟତି | ୧ | ଶାରଦ ତିନି/୩୦ | ୨.୪୨୦ | ୦.୧୪୦ | ନନ୍ଦ ନାୟକ, ଭଜନ ନାୟକ, ନବୀନ ନାୟକ, ପି: କ୍ଷେତ୍ର ନାୟକ, ଜା: ପାଣ, ବା: ବଗଚର |
| ୧୮ | ରୟତି | ୨ | ତଇଲା ଏକ | ୦.୭୭୦ | ୦.୦୮୦ | ନନ୍ଦ ନାୟକ, ଭଜନ ନାୟକ, ନବୀନ ନାୟକ, ପି: କ୍ଷେତ୍ର ନାୟକ, ଜା: ପାଣ, ବା: ବଗଚର |
| ୨୪ | ରୟତି | ୬ | ତଇଲା ଏକ | ୪.୫୩୦ | ୧.୫୦୦ | ବଙ୍କା ନାଏକ, ଓ କୃଷ୍ଣ ନାଏକ, ପି: ଭରଥ ନାଏକ, କୁଂଚ ନାଏକ, ପି: ରାମ ନାଏକ, ଅବିର ନାଏକ, କିଛି ନାଏକ, ପୁନିଆଁ ନାଏକ, ପି: ଚୈତନ୍ୟ ନାଏକ, ପଣ୍ଡିତ ନାଏକ, ପି: ମିଲୁ ନାଏକ, ଜା: ପାଣ, ବା: ବୁଢ଼ାପଙ୍କ |
| ୩୧/୧ | ରୟତି | ୩ | ତଇଲା ଏକ | ୦.୬୯୦ | ୦.୧୩୦ | ମଙ୍ଗେଇ ବେହେରା, ପି: ଭୁଲୁ ବେହେରା, ଜା: ଗଣ୍ଡ, ବା: ଟୁଲୁକଲୁଣ୍ଡି |
| ୩୧/୩୬ | ରୟତି | ୮ | ଶାରଦ ତିନି/୧୦ | ୧.୪୨୦ | ୦.୦୩୦ | ସଞ୍ଜିବ ନାଏକ, ପି: ପଦ୍ମନାଭ ନାଏକ, ପଦ୍ମନାଭ ନାଏକ, ପି: ରାଘବ ନାଏକ, ଜା: ପାଣ, ବା: ବଗଚର |
| | | | **ମୋଟ** | | **୨.୩୦୦** | |

ରାଜ୍ୟପାଳଙ୍କ ଆଦେଶକ୍ରମେ

ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ

ଜିଲ୍ଲାପାଳ, ଅନୁଗୋଳ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 291—173+9